# NATIONAL NEWS BULLETIN (ODIA)
## 25 September - 2025
## Evening Bulletin : 8.15 p.m.

**********************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭାରତ ନିରନ୍ତର ସହଯୋଗ ପ୍ରଦାନ କରି ଆସୁଛି, କହିଲେ ପ୍ରଧାନମନ୍ତ୍ରୀ ।
- ରାଜସ୍ଥାନର ବାଂଶଓ୍ୱାଡ଼ା ଠାରେ ୧ ଲକ୍ଷ ୨୨ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।
- ଦେଶର ଅର୍ଥନୈତିକ ବିକାଶରେ ସଂଶ୍ଳିଷ୍ଟ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି, କହିଲେ ଅର୍ଥମନ୍ତ୍ରୀ ।
- ରେଳ ଭିତ୍ତିକ ମୋବାଇଲ୍ ଲଞ୍ଚର ବ୍ୟବସ୍ଥାକୁ ମଧ୍ୟମଦୂରଗାମୀ ଅଗ୍ନିପ୍ରାଇମ୍ ମିଶାଇଲ୍‌ର ସଫଳ ପରୀକ୍ଷଣ ।

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଚାଲିଛି ମୁକାବିଲା ।

# ପିଏମ୍-ଓ୍ୱାର୍ଲ୍ଡ ଫୁଡ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିବିଧତା, ଆବଶ୍ୟକତା ଏବଂ ବ୍ୟାପକତା ଭାରତର ଖାଦ୍ୟଶିଳ୍ପର ମୂଳଦୁଆ । ନୂଆଦିଲ୍ଲୀ ଠାରେ ବିଶ୍ୱ ଖାଦ୍ୟ ଭାରତ ସମ୍ମିଳନୀ ୨୦୨୫କୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି । ଭାରତରେ ବିବିଧତା, ଆବଶ୍ୟକତା ଏବଂ ଉଦ୍ଭାବନ ଯୋଗୁଁ ନିବେଶକଙ୍କୁ ଏହା ବହୁ ପରିମାଣରେ ଆକୃଷ୍ଟ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭାରତ ନିରନ୍ତର ସହଯୋଗ ପ୍ରଦାନ କରି ଆସୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନରେ ଭାରତର ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆଲୋକପାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଦେଶର ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି । ବିଶ୍ୱରେ ଭାରତର ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭାବେ ମାନ୍ୟତା ପାଇଛି ବୋଲି ପ୍ରଧାନମନ୍ତ୍ରୀ ଆଲୋକପାତ କରିବା ସହ ଖାଦ୍ୟ ଏବଂ କୃଷି କ୍ଷେତ୍ରରେ ବହୁ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି । ଦେଶର ଅର୍ଥନୈତିକ ପ୍ରଗତିରେ ଚାଷୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ଏହି ଚାରି ଦିନିଆ ସମ୍ମିଳନୀ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ଅଭିବୃଦ୍ଧିକୁ ବିଶ୍ୱସ୍ତରରେ ଉପସ୍ଥାପନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ ।

# ପିଏମ୍ ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ବାଂଶୱ୍ୱାଡ଼ା ଠାରେ ୧ ଲକ୍ଷ ୨୨ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଦ୍ୱାରା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଶସ୍ତା ହୋଇଛି ଏବଂ ପାରିବାରିକ ଖର୍ଚ୍ଚ ମଧ ହ୍ରାସ ପାଇଛି । ଏହାର ସୁଫଳ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଖରେ ପହଞ୍ଚିବ ଏବଂ ଅର୍ଥ ସଂଚୟ ତ୍ୱରାନ୍ୱିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-1-PM---GST**

ଆତ୍ମ ନିର୍ଭର ଭାରତ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନାଗରିକଙ୍କୁ ସ୍ୱଦେଶୀ ଉତ୍ପାଦ କିଣିବା ସହିତ ଅନ୍ୟମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଛନ୍ତି । ଭାରତୀୟଙ୍କ ପରିଶ୍ରମରେ ଉତ୍ପାଦିତ ସାମଗ୍ରୀ ଏହାଦ୍ୱାରା ପରିଭାଷିତ ହେବା ସହ ଏହା ଏକ ଜାତୀୟ ଗର୍ବର ପ୍ରସଙ୍ଗ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-2--PM-SWADESHI**

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ବାଂଶୁୱ୍ୱାଡ଼ା ଠାରେ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଶୌରଶକ୍ତି, ପାନୀୟ ଜଳ,

ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ବିକାଶ, ଜାତୀୟ ରାଜପଥ କ୍ଷେତ୍ର ଆଦି ରହିଛି । ମାହି ଡ୍ୟାମ୍ ନିକଟସ୍ଥ ନାପଲା ଠାରେ ମାହି ବାଂଶୱାଡ଼ା ରାଜସ୍ଥାନ ପରମାଣୁ ଶକ୍ତି ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ରାଜସ୍ଥାନରେ ତିନୋଟି ନୂତନ ରେଳସେବାକୁ ଶ୍ରୀ ମୋଦୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଶୌର ଶକ୍ତିରୁ ପରମାଣୁ ଶକ୍ତି ପର୍ଯ୍ୟନ୍ତ ଦେଶର ପ୍ରଗତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଦ୍ୟୁତ୍ କ୍ଷେତ୍ରର ଦେଶର ଆର୍ଥିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

## ନିର୍ମଳା ସୀତାରମଣ

ଦେଶର ଅର୍ଥନୈତିକ ବିକାଶରେ ଆର୍ଥିକ ବ୍ୟବସ୍ଥା ସହ ସଂଶ୍ଳିଷ୍ଟ ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ତେବେ ଦେଶକୁ ଅର୍ଥନୀତି କ୍ଷେତ୍ରରେ ଅଧିକ ମଜବୁତ କରିବା ପାଇଁ ଆଗାମୀ ଦିନରେ ବ୍ୟାଙ୍କ୍ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରର ୯୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୁଣେ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ନାଗରିକ ଦେବୋ ଭବ' ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଅର୍ଥମନ୍ତ୍ରୀ କହିଛନ୍ତି, ଟିକସ ଏବଂ ବ୍ୟାଙ୍କ୍ ସେବା

ଯୋଜନାଗୁଡ଼ିକୁ ଗ୍ରାହକ କୈନ୍ଦ୍ରିକ ଭାବରେ ପ୍ରସ୍ତୁତ କରିବାକୁ ଗୁରୁତ୍ୱ ଦିଆଯାଉଛି । ଏହି ଅବସରରେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ବାନେର୍ ଠାରେ ବ୍ୟାଙ୍କ୍‌ର ନୂତନ କର୍ପୋରେଟ୍ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜେନ୍ ଲାଇଫ୍ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି ।

## ଅଗ୍ନି-ପ୍ରାଇମ୍ ମିଶାଇଲ୍‌ର ସଫଳ ପରୀକ୍ଷଣ

ଭାରତ ରେଳ-ଭିତ୍ତିକ ମୋବାଇଲ୍ ଲଞ୍ଚର ସିଷ୍ଟମ୍‌ରୁ ମଧ୍ୟମ ଦୂରଗାମୀ ଅଗ୍ନି ପ୍ରାଇମ୍ ମିଶାଇଲ୍‌ର ସଫଳ ପରୀକ୍ଷଣ କରିଛି । ଏହା ପରବର୍ତ୍ତୀ ପିଢ଼ିର କ୍ଷେପଣାସ୍ତ୍ର ୨ହଜାର କିଲୋମିଟର ପର୍ଯ୍ୟନ୍ତ ପରିସର କଭର୍ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ପ୍ରକାରର ପ୍ରଥମ ଉତ୍‌କ୍ଷେପଣ ଏକ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇଥିବା ରେଳ ଭିତ୍ତିକ ମୋବାଇଲ୍ ଲଞ୍ଚରରୁ କରାଯାଇଛି । ଯାହା କୌଣସି ପୂର୍ବ ସର୍ତ୍ତ ବିନା ରେଳ ନେଟ୍‌ୱାର୍କରେ ଗତି କରିପାରିବ । ଏହା ମଧ୍ୟ ବ୍ୟବହାରକାରୀଙ୍କୁ କ୍ରସ୍-କଣ୍ଟ୍ରି ଗତିଶୀଳତା ଏବଂ କମ୍ ଦୃଶ୍ୟମାନତା ସହିତ କମ୍ ପ୍ରତିକ୍ରିୟା ସମୟ ମଧ୍ୟରେ ଲଞ୍ଚ୍ କରିବାକୁ ଅନୁମତି ପ୍ରଦାନ କରିଥାଏ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟମ ଦୂରଗାମୀ ଅଗ୍ନି-ପ୍ରାଇମ୍ ମିଶାଇଲ୍‌ର ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ, ଷ୍ଟ୍ରାଟେଜିକ୍ ଫୋର୍ସ୍ କମାଣ୍ଡ ଏବଂ ସଶସ୍ତ୍ର ବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି ।

# ସେବାପର୍ବ-ଡିଫେନ୍ସ ଇନୋଭେସନ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ପ୍ରତିରକ୍ଷା ରପ୍ତାନୀ ତଥା ସୁଦୃଢ଼ୀକରଣ କ୍ଷେତ୍ରରେ ମୋଦୀ ସରକାର ଗ୍ରହଣ କରିଥିବା ରଣନୈତିକ ପଦକ୍ଷେପ ସମ୍ପର୍କରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଅଧୀନରେ ଦେଶର ପ୍ରତିରକ୍ଷା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତି ସଶକ୍ତ ଏବଂ ଆତ୍ମନିର୍ଭରଶୀଳତା ଆଡ଼କୁ ପରିବର୍ତ୍ତିତ ହୋଇଛି । ପ୍ରତିରକ୍ଷା କ୍ଷେତ୍ରରେ ରେକର୍ଡ଼ ପରିମାଣର ନିବେଶ ସହ ସ୍ୱଦେଶୀ ଉତ୍ପାଦନରେ ଦ୍ରୁତ ଅଭିବୃଦ୍ଧି ହାସଲ ହୋଇଛି । ପ୍ରତିରକ୍ଷା ଉପକରଣ କ୍ଷେତ୍ରରେ ଭାରତ ବୈଶ୍ୱିକ ସ୍ତରରେ ଏକ ବର୍ଦ୍ଧିତ ରପ୍ତାନୀକାରୀ ରାଷ୍ଟ୍ର ଭାବେ ପରିଣତ ହୋଇଛି ।

୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ର ୨୩ ହଜାର ୬୨୨ କୋଟି ଟଙ୍କାରେ ପହଞ୍ଚିଛି । ଭାରତ ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ, ଆର୍ମେନିଆ ଆଦି ୧୦୦ରୁ ଅଧିକ ରାଷ୍ଟ୍ରକୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରୁଛି । ଗତ ଜୁନ୍ ମାସ ୬ ତାରିଖରେ ଜାମ୍ମୁ କାଶ୍ମୀରର କଟ୍ରା ଠାରେ ବିକାଶ ପ୍ରକଳ୍ପର ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଥିଲେ,

ଭାରତ ଏବେ ବୈଶ୍ୱିକ ସ୍ତରରେ ଏକ ପ୍ରତିରକ୍ଷା ରପ୍ତାନୀକାରୀ ରାଷ୍ଟ୍ର ହୋଇପାରିଛି । ବିଶ୍ୱର ଶ୍ରେଷ୍ଠ ପ୍ରତିରକ୍ଷା ରପ୍ତାନୀକାରୀ ରାଷ୍ଟ୍ର ମଧ୍ୟରେ ଭାରତକୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM**

ଗତ ଦଶନ୍ଧି ମଧ୍ୟରେ ଭାରତର ପ୍ରତିରକ୍ଷା କ୍ଷେତ୍ର ଆତ୍ମନିର୍ଭରତା ନୀତି ଦ୍ୱାରା ପରିଚାଳିତ ହୋଇଛି ।

**Seba Parba Closing**

# ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଆଜି ସୁପର୍ ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେଉଛି । ଟସ୍ ଜିତି ବାଂଲାଦେଶ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ପାକିସ୍ତାନର ବ୍ୟାଟିଂ ଜାରି ରହିଛି ।

ଭାରତ ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିସାରିଛି । ତେବେ ଆସନ୍ତାକାଲି ସୁପର୍ ଫୋର୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଦୁବାଇଠାରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ ।